# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**12 June - 2024**

**News Editor *: Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସପ୍ତଦଶ ଓଡ଼ିଶା ବିଧାନସଭାର କାମଚଳା ବାଚସ୍ପତି ଭାବେ ନେଲେ ଶପଥ

- ରାଜଧାନୀର ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ରକ୍ତଦାନର ମହତ୍ତ୍ୱ ଏବଂ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ସମଗ୍ର ବିଶ୍ୱରେ ପାଳନ କରାଯାଉଛି ବିଶ୍ୱ ରକ୍ତଦାତା ଦିବସ

ଏବଂ

- କୃଷିଭିତ୍ତିକ ଗଣପର୍ବ ରଜ ଉପଲକ୍ଷେ ସମଗ୍ର ରାଜ୍ୟ ଉତ୍ସବ ମୁଖର; ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ଜଣାଇଲେ ଶୁଭେଚ୍ଛା

## କାମଚଳା ବାଚସ୍ପତି

ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସପ୍ତଦଶ ଓଡ଼ିଶା ବିଧାନସଭାର କାମଚଳା ବାଚସ୍ପତି ଭାବରେ ଆଜି ଶପଥ ଗ୍ରହଣ କରିଛନ୍ତି। ରାଜଭବନର ଅଭିଷେକ ହଲ୍‌ରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଶ୍ରୀ ସ୍ୱାଇଁଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଆସନ୍ତା ୧୮ ଓ ୧୯ ତାରିଖରେ ନବନିର୍ବାଚିତ ବିଧାୟକମାନଙ୍କୁ କାମଚଳ ବାଚସ୍ପତି ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଓଡ଼ିଶା ବିଧାନସଭାର ବାଚସ୍ପତି ଚୟନ ଆସନ୍ତା ୨୦ ତାରିଖରେ ହେବ ବୋଲି ଆମ ଭୁବନେଶ୍ୱର ସମ୍ବାଦଦାତା ଜଣାଇଛନ୍ତି।

ଅନ୍ୟପକ୍ଷରେ ଚଳିତ ମାସ ୨୬ ତାରିଖରେ ଲୋକସଭା ବାଚସ୍ପତି ଚୟନ ପାଇଁ ନିର୍ବାଚନ ହେବା ନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଷ୍ଟ୍ରପତି ସଂସଦର ଉଭୟ ଗୃହକୁ ଆସନ୍ତା ୨୭ ତାରିଖରେ ସମ୍ବୋଧିତ କରିବେ। ଏହା ପୂର୍ବରୁ କାମଚଳା ବାଚସ୍ପତି ଆସନ୍ତା ୨୪ ଏବଂ ୨୫ ତାରିଖରେ ନବନିର୍ବାଚିତ ଲୋକସଭା ସାଂସଦମାନଙ୍କୁ ଶପଥ ପାଠ କରାଇବେ।

## ମୁଖ୍ୟମନ୍ତ୍ରୀ-ମାଲ୍ୟାର୍ପଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ବକ୍ସି ଜଗବନ୍ଧୁ, ଚାଖି ଖୁଣ୍ଟିଆ, ଜୟୀ ରାଜଗୁରୁ, ଡକ୍ଟର ବି.ଆର. ଆମ୍ବେଦକର ଏବଂ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ପ୍ରତିମୂର୍ତ୍ତିରେ

ମୁଖ୍ୟମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ସ୍ୱାଧୀନତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଆ ଅସ୍ମିତାର ସୁରକ୍ଷାରେ ଏହି ବରପୁତ୍ର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।  ରାଜ୍ୟ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମମାନ ଗ୍ରହଣ କରୁଛନ୍ତି ଏବଂ ଆଗାମୀ ଦିନରେ ଏହି ଧାରାକୁ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା ଏବଂ ମନ୍ତ୍ରୀମଣ୍ଡଳର ସଦସ୍ୟ ବିଧାୟକ-ବିଧାୟିକାମାନେ ଉପସ୍ଥିତ ଥିଲେ।

## ଆଦିବାସୀ ମନ୍ତ୍ରାଳୟର ଦାୟିତ୍ୱ ନେଲେ ଜୁଏଲ ଓରାମ

ବରିଷ୍ଠ ବିଜେପି ନେତା ଜୁଏଲ ଓରାମ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳି ୨୦୧୪ରେ ମଧ୍ୟ ଶ୍ରୀ ଓରାମଙ୍କୁ ଆଦିବାସୀ ମନ୍ତ୍ରାଳୟର ଦାୟିତ୍ୱ ଦିଆଯାଇଥିଲା। ବାଜପେୟୀଙ୍କ ସରକାର ସମୟରେ ୧୯୯୯ ମସିହାରେ ପ୍ରଥମେ ଏହି ମନ୍ତ୍ରାଳୟର ଆରମ୍ଭ ହୋଇଥିବାବେଳେ ଶ୍ରୀ ଓରାମ ପ୍ରଥମ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତୃତୀୟ ଥର ପାଇଁ ଜୁଏଲ୍ ଓରାମ୍ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ଦାୟିତ୍ୱ ନେଇଛନ୍ତି। ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଶ୍ରୀ ଓରାମ୍ କହିଛନ୍ତି।

# ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ରାଜେନ୍ଦ୍ରାଭିଷେକ ନୀତିଠାରୁ ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି, ଶୃଙ୍ଖଳିତ ରଥଯାତ୍ରାକୁ ନେଇ  ଆଜି ସନ୍ଧ୍ୟାରେ ଛତିଶାନିଯୋଗ ଓ ନୀତିକମିଟିର ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ

ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ।  ଏଥିରେ ବିଭିନ୍ନ ଅଧିକାରୀଙ୍କ ସହ ଛତିଶାନିଯୋଗର ସେବାୟତମାନେ ବୈଠକରେ ଯୋଗଦେବେ। ବିଶେଷକରି ଆଗାମୀ ରଥଯାତ୍ରା ଦିନ ନବଯୌବନ ଦର୍ଶନ, ନେତ୍ରୋତ୍ସବ ପଡୁଥିବାରୁ ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଏଥିସହ ୪ ଦ୍ୱାର ଦେଇ ସାଧାରଣ ଭକ୍ତଙ୍କ ପ୍ରବେଶ ଅନୁମତି ପରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ଚଳିତ ମାସ ୧୬ ତାରିଖରେ ଶ୍ରୀଜୀଉମାନଙ୍କର ରାଜେନ୍ଦ୍ରାଭିଷେକ ଏବଂ ୨୬ ତାରିଖରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ। ସେହିଭଳି ଜୁଲାଇ ମାସ ୭ ତାରିଖରେ ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ହେବ। ୧୩ ଦିନିଆ ପକ୍ଷ ପଡୁଥିବାରୁ ଗୋଟିଏ ଦିନରେ ଅଣସର ପରବର୍ତ୍ତୀ ଗୁପ୍ତନୀତି, ନବଯୌବନ ଦର୍ଶନ ଏବଂ  ଶ୍ରୀଗୁଣ୍ଡିଚା ଯାତ୍ରା ହେବ।

## ହଜ୍‌ଯାତ୍ରା

ଆଜିଠାରୁ ପବିତ୍ର ହଜ୍ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ପାଞ୍ଚ ଦିନ ଧରି ଚାଲିବ। ପ୍ରାୟ ୨୦ ଲକ୍ଷ ତୀର୍ଥଯାତ୍ରୀ ହଜ୍ ଯାତ୍ରା ଅବସରରେ ସାଉଦିଆରବର ମୀନାରେ ଏକତ୍ରିତ ହୋଇଛନ୍ତି। ଚଳିତବର୍ଷ ଭାରତରୁ ୧ ଲକ୍ଷ ୭୫ ହଜାରରୁ ଅଧିକ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୪୦ ହଜାର ୨୦ ଜଣ ଯାତ୍ରୀ ଭାରତୀୟ ହଜ୍ କମିଟି ଜରିଆରେ ସେଠାରେ ପହଞ୍ଚିଛନ୍ତି। ଭାରତୀୟ ହଜ୍ ଯାତ୍ରୀମାନଙ୍କୁ

କୌଣସି ସୂଚନା ପାଇବା ପାଇଁ ଏବଂ ଅଭିଯୋଗ କରିବା ପାଇଁ ହଜ୍ ସୁବିଧା ନାମକ ମୋବାଇଲ୍ ଆପ୍ ଲଞ୍ଚ୍ କରାଯାଇଛି ।

# ରଜ ପର୍ବ

ରାଜ୍ୟର କୃଷିଭିତ୍ତିକ ତିନିଦିନିଆ ଗଣପର୍ବ ରଜ ଆଜିଠାରୁ ଆରମ୍ଭ ହୋଇଛି । ଆସନ୍ତାକାଲି ରଜସଂକ୍ରାନ୍ତି ଏବଂ ତା' ପରଦିନ ଭୂମିଦହନ ପାଳନ କରାଯିବ । ଶୁଖିଲା ଭୂଇଁରେ ବର୍ଷାପାଣି ପଡ଼ିବା ପରେ ମାଟିର ପ୍ରଜନନ ଶକ୍ତି ବଢ଼ିଥାଏ । ସେଥିପାଇଁ ଏହି ତିନିଦିନ ଜମିରେ ଚାଷ କରାଯାଇନଥାଏ । ପରମ୍ପରା ଅନୁସାରେ ଏହି ତିନିଦିନ ବିଶ୍ରାମ ଏବଂ ମନୋରଞ୍ଜନର ସମୟ ହୋଇଥିବାରୁ ଗାଁଠୁ ପୁରପଲ୍ଲୀ ପର୍ଯ୍ୟନ୍ତ ରଜ ପାଳନ କରାଯାଇଥାଏ । ରଜରେ ଝିଅମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳି ଖେଳିଥାନ୍ତି । ପିଠାପଣା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଇଥାଏ । ରଜପର୍ବର ଚତୁର୍ଥ ଦିନରେ ବସୁମତୀ ସ୍ନାନ କରାଯାଇ ଏହି ପର୍ବ ଶେଷ ହୋଇଥାଏ ।

ରଜ ଅବସରରେ ରାଜ୍ୟବାସୀଙ୍କୁ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ମାଟି ଓ ମେଘକୁ ସମ୍ମାନ ଜଣାଇ ପିଠା, ମିଠା, ପାନ ଓ ଦୋଳି ଖେଳ ମାଧ୍ୟମରେ ଓଡ଼ିଶାର ଜନସାଧାରଣ ଏହି ପର୍ବକୁ ଆନନ୍ଦର ସହିତ ପାଳନ କରିଥାନ୍ତି । କୃଷିଭିତ୍ତିକ ରଜପର୍ବ ଉପଲକ୍ଷେ ରାଷ୍ଟ୍ରପତି ଦେଶବାସୀଙ୍କର ସୁଖଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି । ପ୍ରଥମଥର ପାଇଁ ରାଷ୍ଟ୍ରପତି ଭବନ ପରିସରରେ ରଜପର୍ବର ଆୟୋଜନ କରାଯାଇଛି ।

ରଜ ଉପଲକ୍ଷେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରଜ ଆମ ଓଡ଼ିଆ ସଂସ୍କୃତିର ଏକ ମହାନ୍ ଗଣପର୍ବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକୃତି, ନାରୀ ଓ ଧରିତ୍ରୀକୁ ପୂଜା କରିବା ଓ ସମ୍ମାନ ଜଣାଇବାର ଏହି ଅନନ୍ୟ ପରମ୍ପରା ହେଉଛି ରଜ ବୋଲି **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ କହିବା ସହ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଖୋର୍ଦ୍ଧା**ର ଅଧିଷ୍ଠାତ୍ରୀ ଦେବୀ ମା' ବରୁଣେଇଙ୍କ ପୀଠରେ ୪ ଦିନିଆ ରଜ ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇଛି। ସେହିପରି ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ମା' ଉଗ୍ରତାରାଙ୍କ ପୀଠରେ ୫ ଦିନିଆ ରଜ ମହୋତ୍ସବ ଉପଲକ୍ଷେ ଭକ୍ତଙ୍କର ସମାଗମ ହୋଇଛି। **ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଧୁମ୍‌ଧାମ୍‌ରେ ରଜ ଉତ୍ସବ ପାଳନ କରାଯାଉଛି। ୩ ଦିନ ଧରି ପାଳନ କରାଯାଉଥିବା ଏହି ଉତ୍ସବରେ କିଶୋର-କିଶୋରୀମାନେ ନୂତନ ବସ୍ତ୍ର ପରିଧାନ ସହ ଦୋଳି ଖେଳୁଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ରଜ ପାଳନର ଖବର ଆମର ହସ୍ତଗତ ହେବାରେ ଲାଗିଛି।

## ରାସନ କାର୍ଡ-ଆଧାର ସଂଯୋଗୀକରଣ

ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ରାସନ୍ କାର୍ଡକୁ ଆଧାର ସହ ସଂଯୋଗ କରିବା ନିମନ୍ତେ ସମୟସୀମା ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାର ଏଥିପାଇଁ ସମୟସୀମା ଚଳିତ ବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ସମୟସୀମା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଥିଲା। ୨୦୧୭ ଫେବୃଆରୀରେ ସାଧାରଣ ବଣ୍ଟନ ବ୍ୟବସ୍ଥା

ଅଧୀନରେ ଲାଭ ପାଇବା ପାଇଁ ରାସନ କାର୍ଡକୁ ଆଧାର ସହ ସଂଯୋଗ କରିବା ବାଧ୍ୟତାମୂଳକ କରାଯାଇଥିଲା। ଏହି ସମ୍ପର୍କିତ ବିଜ୍ଞପ୍ତି ଅନୁଯାୟୀ, ହିତାଧିକାରୀମାନଙ୍କୁ ରାସନ କାର୍ଡକୁ ଆଧାର ସହ ସଂଯୋଗ କରିବାକୁ ପଡ଼ିବ। ଯଦି ଆଧାର ନଥାଏ ତେବେ ହିତାଧିକାରୀଙ୍କୁ ଆବେଦନ କରିବାକୁ ପଡ଼ିବ।

# ସ୍କୁଲ ଖୋଲିବ

ରାଜ୍ୟରେ ଆସନ୍ତା ୧୮ ତାରିଖରୁ ସ୍କୁଲ ଖୋଲିବାର ପ୍ରଥମ ଦିନରୁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି।

## ଗ୍ରୀଷ୍ମପ୍ରକୋପ

ଚଳିତବର୍ଷ ଦେଶର ଅନେକ ଅଞ୍ଚଳରେ ଭୀଷଣ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଥିବାବେଳେ ଗତ ମଇ ମାସରୁ ଅଦ୍ୟାବଧି ଗ୍ରୀଷ୍ମପ୍ରକୋପ ଜାରି ରହିଛି। ଆମେରିକୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା-ନାସାର ବୈଜ୍ଞାନିକମାନେ କହିଛନ୍ତି, ଚଳିତବର୍ଷ ମଇ ମାସ ସବୁଠାରୁ ଉତ୍ତପ୍ତ ମାସ ଭାବରେ ରେକର୍ଡ କରାଯାଇଛି। ଗବେଷକଙ୍କ କହିବା ଅନୁଯାୟୀ, ଗତ ୧୨ ମାସ ଧରି ହାରାହାରି ବିଶ୍ୱ ତାପମାନ ପ୍ରତ୍ୟେକ ମାସରେ ନୂତନ ରେକର୍ଡ ସୃଷ୍ଟି କରିଛି। ଏହାପୂର୍ବରୁ ୨୦୧୫ ଏବଂ ୨୦୧୬ରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ନାସା ପକ୍ଷରୁ କୁହାଯାଇଛି, ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ କାରଣରୁ ଏଭଳି ପରିସ୍ଥିତି ଉପୁଜୁଛି। ଚଳିତବର୍ଷ ଜୁନ୍ ଓ ଅଗଷ୍ଟ ମାସ ମଧ୍ୟରେ ଲା-ନୀନା

ପ୍ରଭାବ ସୃଷ୍ଟି ହେବାର ୪୯ ପ୍ରତିଶତ ସମ୍ଭାବନା ରହିଛି। ଏହାଦ୍ୱାରା ବିଶ୍ୱ ତାପମାତ୍ରା ସାମାନ୍ୟ ହ୍ରାସ ପାଇପାରେ। ଅନ୍ୟପକ୍ଷରେ ଭାରତର ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଏପର୍ଯ୍ୟନ୍ତ ଆଶାଜନକ ଅଗ୍ରଗତି କରିନାହିଁ। ଫଳରେ ଓଡ଼ିଶା, ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକା, ଝାଡଖଣ୍ଡ, ବିହାର, ଚଣ୍ଡିଗଡ଼, ଉତ୍ତରପ୍ରଦେଶ ଆଦି ରାଜ୍ୟର ଅଧିକାଂଶ ଅଞ୍ଚଳରେ ଗ୍ରୀଷ୍ମଲହରୀ ଜାରି ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଅଗ୍ରଗତି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାଯାଏ ଏଭଳି ପରିସ୍ଥିତି ଲାଗି ରହିବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି।

## ରକ୍ତଦାତା ଦିବସ

ରକ୍ତଦାନର ମହତ୍ତ୍ୱ ଏବଂ ରକ୍ତଦାନକୁ ପ୍ରୋତ୍ସାହିତ କରିବା ସହିତ ରକ୍ତର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇବା ପାଇଁ ଆଜି ସମଗ୍ର ପୃଥିବୀରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରଯାଉଛି। ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟିନ୍' ବ୍ଲଡ୍‌ଗ୍ରୁପ୍ ଆବିଷ୍କାର କରିଥିଲେ। ଏଥିପାଇଁ ତାଙ୍କୁ ୧୯୩୦ ମସିହାରେ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମହାନ୍ ବୈଜ୍ଞାନିକଙ୍କର ଜନ୍ମ ଦିବସକୁ ସ୍ମରଣ କରିବା ପାଇଁ ଗତ ୨୦ ବର୍ଷ ଧରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ରକ୍ତଦାତା ଦିବସର ବାର୍ତ୍ତା ହେଲା **'ଦାନର ୨୦ ବର୍ଷର ଖୁସି ପାଳନ– ରକ୍ତଦାତାଙ୍କୁ ଧନ୍ୟବାଦ'।**

## ପାଣିପାଗ

ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଗ୍ରୀଷ୍ମଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ଝାରସୁଗୁଡ଼ାଠାରେ ୪୩ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

******************************